## ଜିଲ୍ଲା ପରିମଳ ବିଭାଗର ଜଳ ଅର୍ପଣ ଦିବସ

# ନିମନ୍ତ୍ରଣପତ୍ରରେ ୧୬ ଅତିଥିଙ୍କ ନାମ, ଆସିଲେ ମାତ୍ର ୨

ଭଦ୍ରେଶ୍ୱର,୨୮ ।୧(ସମିସ): କଟକ ଜିଲ୍ଲା ଜଳ ଯୋଗାଣ ଓ ପରିମଳ ବିଭାଗର ପ୍ରକୃତ ପାରିବାପଣିଆ ପଦାରେ ପଡିଛି । ମାହାଙ୍ଗା ବ୍ଲକରେ ହେବାକୁ ଥିବା ଜଳ ଅର୍ପଣ ନିମନ୍ତ୍ରଣ ପତ୍ରରେ ଅତିଥିଙ୍କର ଲମ୍ବା ତାଲିକା ପ୍ରକାଶ ପାଇଥିଲା; କିନ୍ତୁ ମଞ୍ଚ ଫାଙ୍କା ପଡିଥିଲା । କଟକ ଜିଲ୍ଲା ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅନୁଦାନ ବିନିଯୋଗ କରାଯାଇ ଆୟୋଜିତ କାର୍ଯ୍ୟକ୍ରମରେ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପରିଚାଳନା କରାଯାଇଥିବାର ଅଭିଯୋଗ ହୋଇଛି । ଯାହାଦ୍ୱାରା କାର୍ଯ୍ୟକ୍ରମରେ ବ୍ୟାପକ ଅବ୍ୟବସ୍ଥା ଓ ତ୍ରୁଟି ପଦାରେ ପଡିଥିଲା । ନିମନ୍ତ୍ରଣପତ୍ରରେ ୧୬ଜଣ ଅତିଥିଙ୍କ ନାମ ଉଲ୍ଲେଖ ଥିଲା ବେଳେ ୧୪ଜଣ ଅତିଥି ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିବାର ଦେଖିବାକୁ ମିଳିଥିଲା । ଏପରିକି ଉଦଘାଟନ ଫଳକରେ ସ୍ଥାନୀୟ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନାମ ଥିଲା ବେଳେ ଶ୍ରୀ ପଣ୍ଡା ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିଲେ । ରବିବାର ମାହାଙ୍ଗା ବ୍ଲକ କୋଳିଅଠାରେ ଜିଲ୍ଲା ପରିମଳ ବିଭାଗ ପକ୍ଷରୁ ଜଳ ଅର୍ପଣ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ମାହାଙ୍ଗା ବ୍ଲକର ପ୍ରଥମ ମେଗା ପାନୀୟ ଜଳ ପ୍ରକଳ୍ପର ଏକ ପାଣିଟାଙ୍କିର ଉଦଘାଟନ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କଟକ ଜିଲ୍ଲାପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ୪ଟି ଜିଲ୍ଲାପରିଷଦ ଜୋନର ସଭ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବାର ଉଲ୍ଲେଖ କରାଯାଇଥିଲା ବେଳେ କେହିହେଲେ ଆସି ନ ଥିଲେ । ଶେଷରେ ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ, ବିଡିଓ ଶୁଭାଶିଷ ପାଲଟା, ଅଧିକ୍ଷଣ ଯନ୍ତ୍ରୀ ରୌପ୍ୟରଞ୍ଜନ ବେହେରା, ଜିଲ୍ଲା ଜଳ ପରିମଳ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଅଭିମନ୍ୟୁ ଦାସଙ୍କୁ ନେଇ କୌଣସି ମତେ ଉଦଘାଟନ କାର୍ଯ୍ୟକ୍ରମ କରାଯାଇଥିଲା । ୧୩ଜଣ ଅତିଥିଙ୍କ ନିକଟକୁ କୌଣସି ନିମନ୍ତ୍ରଣ କାର୍ଡ ପଠାଯାଇନାହିଁ କିମ୍ବା ଯୋଗାଯୋଗ କରାଯାଇ ନ ଥିବାର ଅଭିଯୋଗ ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥରେ ଆୟୋଜିତ କାର୍ଯ୍ୟକ୍ରମକୁ କେଉଁ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ହାତରେ ଟ୍ରୁପ ବସିଥିଲା ଜିଲ୍ଲା ଜଳ ପରିମଳ ବିଭାଗ । ଯେଉଁଥିପାଇଁ କର୍ମକର୍ତ୍ତା ପରିଚାଳନାରେ ବିଭ୍ରାଟ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମ ବହୁ ଆଡ଼ମ୍ବର ଲଘୁକ୍ରିୟାରେ ପରିଣତ ହୋଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଛାତ୍ରୀ ସମ୍ବର୍ଦ୍ଧିତ



ଭଦ୍ରେଶ୍ୱର, ୨୮ ।୧ (ସମିସ): ମାହାଙ୍ଗା ବ୍ଲକ ହଳଦିଆ ଗ୍ରାମପଞ୍ଚାୟତ ଇଟାମୁଣ୍ଡୁଳିସ୍ଥିତ ବୁଢୀ ଜାଗୁଲାଇ ବିଦ୍ୟାପୀଠର ସପ୍ତମ ଶ୍ରେଣୀ ଛାତ୍ରୀ ତନ୍ମୟୀ ସାହୁ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । କଟକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଏହି ଛାତ୍ରୀ ଜଣକ କନିଷ୍ଠ ବର୍ଗର ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରିଥିଲେ । ତନ୍ମୟୀ ସ୍ଥାନୀୟ ଗ୍ରାମର ବିଚିତ୍ର ସାହୁ ଓ କନକଲତା ସାହୁଙ୍କ କନ୍ୟା ଅଟନ୍ତି ।

## ଗୋଲୋକଚନ୍ଦ୍ର ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ମାହାଙ୍ଗା,୨୮ ।୧(ସମିସ): ଓଡିଶା ସାହିତ୍ୟ ଏକାଡେମୀ ଓ ମାହାଙ୍ଗା ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁରସ୍ଥିତ ଶ୍ରୀଶ୍ରୀ ଭଦ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଦ୍ୱିତୀୟଭଞ୍ଜ ଗୋଲୋକଚନ୍ଦ୍ର ପ୍ରଧାନଙ୍କ ୧୩୦ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଜୟନ୍ତୀ ସମାରୋହକୁ ଉଦଘାଟନ କରିଥିଲେ । ଅଧ୍ୟାପକ ଡ.ଅଶୋକ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡାକ୍ତର ଜୟକୃଷ୍ଣ ଦାସ, ସମ୍ମାନିତ ଅତିଥି ଭାବେ ପଦ୍ମଜା ସାହିତ୍ୟ ସଂସଦର ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ବକ୍ତାଭାବେ ପ୍ରାଧ୍ୟାପକ ଅଜୟ ରାଉତ, ସାହିତ୍ୟିକ ହରିଶ୍ଚନ୍ଦ୍ର ପୃଷ୍ଟି, ବିଶ୍ୱଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ସାହିତ୍ୟ ଏକାଡେମୀ ସଚିବ ଡ.ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ସାହିତ୍ୟିକ ହରିଶ୍ଚନ୍ଦ୍ର ପୃଷ୍ଟି, ବିଶିଷ୍ଟ ପାଲା ଗାୟକ ଉପେନ୍ଦ୍ର ସାମନ୍ତରାୟ ଓ ବିଷ୍ଣୁପ୍ରଧାନ ରଥ, ସଙ୍ଗୀତଜ୍ଞ ଯୋଗେନ୍ଦ୍ର ରାଉତ ଓ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ଜିତେନ୍ଦ୍ର ଶତପଥୀ, ଭକ୍ତ ଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ପନଙ୍ଗ ଭୂଷଣ ଦାସ, ଆଇନଜୀବୀ ଗୌତମ ଶତପଥୀ, ନିର୍ମଳ ରାଉତ, ଅଶୋକ ଓଝା, ପ୍ରାକ୍ତନ ସରପଞ୍ଚ ଅଭିନ୍ନ ଜେନା, ତ୍ରିଲୋଚନ ପ୍ରହରାଜ, ମନୋରଞ୍ଜନ ନାୟକ, ଜ୍ଞାନେନ୍ଦ୍ର ବିଶ୍ୱାଳ, ଭରତ ଚନ୍ଦ୍ର ପ୍ରଧାନ, ପ୍ରଭଞ୍ଜନ ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ବଂଶୀଧର ସାହୁ ଧନ୍ୟବାଦ ଦେଇଥିଲେ ।

## ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ସଚେତନତା



ତିଗିରିଆ/ବଡମ୍ବା,୨୮ ।୧(ସମିସ): ତିଗିରିଆ ତାଲୁକ ଆଇନସେବା କମିଟି ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ନେଇ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ତିଗିରିଆ ଜେଏମ୍ଏଫସି କୋର୍ଟର ବିଚାରପତି ଅନିମେଶ ସାମଲ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ତିଗିରିଆ ଓକିଲ ସଂଘର ସଭାପତି ମଙ୍ଗଳକୃଷ୍ଣ ଦାସଙ୍କ ସମେତ ଆଇନଜୀବୀ ଶାନ୍ତନୁ ଦାଶ, ରମେଶଚନ୍ଦ୍ର ମାଝୀ, ବିକ୍ରମ କେଶରୀ ଦାଶ, ସଞ୍ଜୟ ଦାସ, ରଞ୍ଜନ ମହାରଣା, ସୁଚିତ୍ର ସାହୁ, ସୁବାସଚନ୍ଦ୍ର ସାହୁ, ଚନ୍ଦ୍ରମଣି ପଣ୍ଡା, ତନ୍ମୟ ମିଶ୍ର ତଥା ତିଗିରିଆ ଜେଏମଏଫସି କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ । ତିଗିରିଆସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟ ଓ କଳିଙ୍ଗ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସାଇକଲ ଶୋଭାଯାତ୍ରାରେ ନିଜିଗଡ ଗ୍ରାମ ପରିକ୍ରମା କରିଥିଲେ ।

ବଡମ୍ବା ତାଲୁକ ଲିଗାଲ ସର୍ଭିସ କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୁର୍ବାଶା ଦୁର୍ଗାଙ୍କ ପୌରୋହିତ୍ୟ ଏବଂ ଜୁନିଅର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମିଳନ ପାତ୍ରଙ୍କ ସହଯୋଗରେ ଆଇନସେବା ପ୍ରାଧିକରଣର ପିଏଲଭି ଓ ସ୍କୁଲର ଛାତ୍ରଛାତ୍ରୀ ଅଦାଲତର କର୍ମଚାରୀଙ୍କୁ ନେଇ ଏକ ସାଇକଲ ରାଲି ବଡମ୍ବା ହାଟସ୍ଥିତ ବାଉତୀ ପୀଠ ଦେଇ ରାଜବାଟୀ ସାହି, ବଡଦାଣ୍ଡ ସାହି ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ପିଏଲଭି ନବକିଶୋର ପଣ୍ଡା, ପ୍ରକାଶ ସ୍ୱାଇଁ, ସରୋଜ ସାହୁ, ନବକିଶୋର ବେହେରା, ବିକ୍ରମ କେଶରୀ ବରାଳ ଓ କୋର୍ଟର କର୍ମଚାରୀ ସହଯୋଗ କରିଥିଲେ ।

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ତିଗିରିଆ,୨୮ ।୧(ସମିସ): ପ୍ରସନ୍ନ ପୁରୁଷୋତ୍ତମ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ଅଧ୍ୟକ୍ଷ ବିଜୟ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଶିକ୍ଷଣ ସଂଯୋଜିକା ଅଧ୍ୟାପିକା ପୁଷ୍ପାଞ୍ଜଳି ବାରିକ ଶିବିରାର୍ଥିନୀଙ୍କୁ ଶିବିରର ଉପଯୋଗିତା ସମ୍ପର୍କରେ ଅବଗତ କରାଇଥିଲେ । ଅନୁଷ୍ଠାନର ଆଇସିସି ସୁରକ୍ଷା ସଂଯୋଜିକା ଅଧ୍ୟାପିକା ଇନ୍ଦିରା ସାମନ୍ତରାୟ ଓ ଅଧ୍ୟାପକ ଡ. ପତିତପାବନ ପଣ୍ଡା ଛାତ୍ରୀଙ୍କୁ ସାମ୍ପ୍ରତିକ ସମାଜରେ ଆତ୍ମସୁରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଶିକ୍ଷିକା ସଂଗୀତା ବେହେରା ଛାତ୍ରୀଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ସମ୍ବନ୍ଧରେ ଶିକ୍ଷା ଦେଇଥିଲେ ।

## ସାଧାରଣତନ୍ତ୍ର ଦିବସରେ ଅଧିକାରୀ ଅନୁପସ୍ଥିତ

ଭଦ୍ରେଶ୍ୱର,୨୮ ।୧(ସମିସ): ମାହାଙ୍ଗା ବ୍ଲକରେ ୭୭ତମ ସାଧାରଣତନ୍ତ୍ର ଦିବସ ବ୍ୟାପକ ଅବ୍ୟବସ୍ଥା ଘେରରେ ପାଳିତ ହୋଇଯାଇଛି । ଏହି ଜାତୀୟ କାର୍ଯ୍ୟକ୍ରମରେ ମାହାଙ୍ଗା ବିଡିଓଙ୍କ ସମେତ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିଥିବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲିକ ଅଭିଯୋଗ କରିଛନ୍ତି । ଏହି ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଧ୍ୟକ୍ଷା ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଆରଡିସି କଟକ, କଟକ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅଧ୍ୟକ୍ଷାଙ୍କ ଏହି ଅଭିଯୋଗ ଉପରେ ପ୍ରଶାସନ ତରଫରୁ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ପରଲୋକ



ସାଲେପୁର, ୨୮ ।୧ (ସମିସ): ସାଲେପୁର ବ୍ଲକ୍ ଚନ୍ଦ୍ରାଦେଇପୁର ଗ୍ରାମର ଶ୍ୟାମସୁନ୍ଦର ତ୍ରିପାଠୀଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ଘରେ ଶୋଇଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସାଲେପୁର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା । ସେ ଜଣେ ଧର୍ମପରାୟଣ, ସମାଜସେବୀ, ପରୋପକାରୀ ବ୍ୟକ୍ତି ଥିଲେ । ସେ ଜଳ ସଂପଦ ବିଭାଗରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ତାଙ୍କ ଜ୍ୟେଷ୍ଠ ପୁତ୍ର ଅଭିମନ୍ୟୁ ତ୍ରିପାଠୀ ମୁଖାଗ୍ନି ଦେଇଥିବାବେଳେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ବଳରାମ ତ୍ରିପାଠୀ, ସୁଦାମ ତ୍ରିପାଠୀ, ସାନ ପୁଅ ବିଜୟ ତ୍ରିପାଠୀ, ଜ୍ୱାଇଁ ସୁବ୍ରତ ପଣ୍ଡା, ଝିଅ ମିରା ତ୍ରିପାଠୀ ଓ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ ।

## କ୍ଲବ୍ ଟିଭି -୭୪ ପକ୍ଷରୁ ସାଧାରଣତନ୍ତ୍ର ଦିବସ



କଟକ,୨୮ ।୧(ସମିସ): ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ 'କ୍ଲବ ଟିଭି -୭୪' ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ଏହି ଉପଲକ୍ଷେ ପଦ୍ମିନୀ ବିହାରସ୍ଥିତ ସଂଗଠନର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ପତାକା ଉତ୍ତୋଳନ କରିଥିଲେ । ଅଭୟ ପଞ୍ଜର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂପାଦକ ପ୍ରଫୁଲ୍ଲ ଷଡଙ୍ଗୀ ଆଭାସୀ ମାଧ୍ୟମରେ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଥିଲେ । ରମେଶ ବେହେରା, ଶିବନାରାୟଣ ଜେନା, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା, ଅନ୍ତର୍ଯ୍ୟାମୀ ନାୟକ, ନିମାଇଁ ଚରଣ ମହାନ୍ତି, ଦେବ ନାୟକ, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ଦାସ, ଧୂଳିରାମ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଦୈତାରୀ ସାହୁ ଧନ୍ୟବାଦ ଦେଇଥିଲେ ।

## ଦୁଇ ପୋଷ୍ଟମାଷ୍ଟରଙ୍କୁ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି, ୨୮ ।୧ (ସମିସ): ନିଶ୍ଚିନ୍ତକୋଇଲି ପୋଷ୍ଟ ଅଫିସରେ ନୂତନ ଭାବେ ଯୋଗଦେଇଥିବା ପୋଷ୍ଟମାଷ୍ଟର ଅଜୟ କୁମାର ରାଉଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ଏଠାରୁ ସାଲେପୁର ପୋଷ୍ଟ ଅଫିସକୁ ବଦଳି ହୋଇଥିବା ପୋଷ୍ଟ ମାଷ୍ଟର ହିଁମାଂଶୁ ଭୂଷଣ କରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସହକାରୀ ପୋଷ୍ଟମାଷ୍ଟର ଫଣି ଭୂଷଣ ପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଅମୀୟ ପରିଡା, ମନୋରଞ୍ଜନ ନାୟକ, ଜୀବନରଞ୍ଜନ ଓଝା, ଶୁଭଶ୍ରୀ ସ୍ୱାଇଁ, କମଲରାଜା ଖାଁ, ବିଶ୍ୱଜିତ୍ ବାରିକ, ରାଜେନ୍ଦ୍ର ସ୍ୱାଇଁ, ପୀତବାସ ବେହେରା ଯୋଗ ଦେଇଥିଲେ । ପୋଷ୍ଟାଲ ଏଜେଣ୍ଟ ବଂଶୀଧର ପରିଡା, ଚିତ୍ତରଞ୍ଜନ ପତି, ରଶ୍ମିରଞ୍ଜନ ସାହୁ, ପ୍ରେମଲତା ବେହେରା, ମନୋରଞ୍ଜନ ନାୟକଙ୍କ ସମେତ ଏହି ଉପ ଡାକ ଘର ଅଧୀନରେ ଥିବା ୧୪ଟି ଶାଖା ଡାକଘରର କର୍ମଚାରୀ ଯୋଗଦେଇଥିଲେ ।

## 'ଉତ୍ସାହ' ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



ନିଶ୍ଚିନ୍ତକୋଇଲି,୨୮ ।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟରପଡାଠାରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସାହ ପରିବାର ପକ୍ଷରୁ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି । କଟକ-ଚାନ୍ଦବାଲି ରାସ୍ତାର କଟରପଡା ଛକରେ ଅନୁଷ୍ଠାନର ପୃଷ୍ଠପୋଷକ ଦେବାଶିଷ ବେଉରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଫକୀର ଚରଣ ନାୟକ, ହେମନ୍ତ ରାଉତ, ନିଶ୍ଚିନ୍ତକୋଇଲି ଥାନା ପୁଲିସ ପ୍ରଦୀପ ମହାକୁଡ, ଲଙ୍ଗୁଳିଚରଣ ସେଠୀ, ପଦ୍ମନାଭ ସିସା ପ୍ରମୁଖ ବିନା ହେଲମେଟରେ ବାଇକ୍ ଚଳାଉଥିବା ଆରୋହୀଙ୍କୁ ସଚେତନତା ବାର୍ତ୍ତା ପତ୍ର, ଗୋଲାପ ଫୁଲ ଓ ଜାତୀୟ ପତାକା ପ୍ରଦାନ କରି ସଚେତନ କରାଇଥିଲେ । ସ୍ୱେଚ୍ଛାସେବୀ ପ୍ରକାଶଚନ୍ଦ୍ର ସାହୁ, ସେକ୍ ରାଜଉଦ୍ଦିନ, ଚନ୍ଦନ ତରାଇ, ଦୀପ୍ତିରଂଜନ ସ୍ୱାଇଁ, ସୁଧାକର ଜେନା, ସୟଦ ମହମ୍ମଦ ଖୁଫରାନ, ଅଚ୍ୟୁତାନନ୍ଦ ସେଠୀ, ପ୍ରସନ୍ନ ଭୂୟାଁ ସହଯୋଗ କରିଥିଲେ ।

## ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ




ନିଶ୍ଚିନ୍ତକୋଇଲି,୨୮ ।୧(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ବରାଦୋ ପଞ୍ଚାୟତ ପାଟପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣୀ ଉତ୍ସବ ପବିତ୍ର ସାଧାରଣତନ୍ତ୍ର ଦିବସରେ ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ବାଳକ ତୃପ୍ତିରଞ୍ଜନ ରଣା ଓ ବାଳିକା ତୃପ୍ତି ମଲିକ, କନିଷ୍ଠ ବିଭାଗରେ ବାଳକ ଆର୍ଯ୍ୟକୁମାର ବେହେରା, ବାଳିକା ପ୍ରଜ୍ଞା ଦାସ ଓ ଶିଶୁ ବିଭାଗରେ ବାଳକ ଦିବ୍ୟରଞ୍ଜନ ରଣା, ବାଳିକା ପୂର୍ଣ୍ଣିମା ସାମଲ ଚାମ୍ପିଅନ ହୋଇଥିଲେ । ପ୍ରଧାନଶିକ୍ଷକ ଗତିକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଦୀପ୍ତିମୟୀ ବରାଳ, ମୁଖ୍ୟବକ୍ତା ଭାବେ ଭାରପ୍ରାପ୍ତ ସହକାରୀ ଶିକ୍ଷାଅଧିକାରୀ ପ୍ରଭାତ ବେହେରା, ସମ୍ମାନିତ ଅତିଥି ଭାବେ ଇଂ ଚିନ୍ମୟ ବେହେରା, କୁସୁମଲତା ମହାପାତ୍ର, ସାଗର ନନ୍ଦ, ସ୍କୁଲ ପରିଚାଳନା କମିଟି ସଭାପତି ରମେଶଚନ୍ଦ୍ର ସାହୁ, ଜଳଧର ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ମାମିନା ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସରୋଜିନୀ ଜେନା ଧନ୍ୟବାଦ ଦେଇଥିଲେ ।

## ସାବିତ୍ରୀ ଦେବୀ ଗ୍ରୁପ୍ ଅଫ୍ କଲେଜର ବାର୍ଷିକ ଉତ୍ସବ



ସାଲେପୁର,୨୮ ।୧(ସମିସ): ସାବିତ୍ରୀ ଦେବୀ ଗ୍ରୁପ୍ ଅଫ୍ କଲେଜର ବାର୍ଷିକ ଉତ୍ସବ କଲେଜ ପରିସରରେ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷାବିଭାଗରଅବସରପ୍ରାପ୍ତନିର୍ଦ୍ଦେଶକ ପ୍ରଫେସର ରଞ୍ଜନ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଗୁରୁତ୍ୱ ସଂପର୍କରେ ଅବଗତ କରାଇଥିଲେ । ମୁଖ୍ୟବକ୍ତା ଭାବେ ସାଲେପୁର ଆଦର୍ଶ ଥାନାଧିକାରୀ ମହେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ସାବିତ୍ରୀ ଦେବୀ କଲେଜର ପ୍ରତିଷ୍ଠାତା ଉମାକାନ୍ତ ଓଝା, ସାଲେପୁର ଥାନା ସବ୍‌ଇନିସ୍ପେକ୍ଟର ଶ୍ରଦ୍ଧାଞ୍ଜଳି ସେନାପତି, ଶାରଦା ପଣ୍ଡା, ସଞ୍ଜୟ ଖୁଣ୍ଟିଆ, ଧରିତ୍ରୀ ବିଶୋଇ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ଅନୁଷ୍ଠାନ ବିରଳ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଅନୁଷ୍ଠାନର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କ୍ଷମାମୟୀ କର, ପ୍ରଦୀପ୍ତ ସୂତାର, ସନ୍ତୋଷ ସାମଲ, ବିଭୂତିଭୂଷଣ ବେହେରା, ସୁମିତ୍ରା ବେହେରା, ଶୁଭମ୍ ଜେନା, ଅରୂପ ଲେଙ୍କା, ଅମୀୟ ରଞ୍ଜନ ଦାସ, ସିଦ୍ଧାର୍ଥ ଆଚାର୍ଯ୍ୟ, ସସ୍ମିତା ପଣ୍ଡା, ଧରିତ୍ରୀ ପ୍ରଧାନ, ମୋନାଲିସା ସାହୁ, ଗଣେଶ୍ୱର ସାମଲ ସହଯୋଗ କରିଥିଲେ ।

## ମଣ୍ଡି ଉଦ୍‌ଘାଟନ ପରେ ବି ଚାଷୀ ଅସନ୍ତୁଷ୍ଟ

# ତାଲିକା ବିଭ୍ରାଟ; ଧାନ ବିକ୍ରି ନେଇ ଆଶଙ୍କା

ସାଲେପୁର,୨୮ ।୧(ସମିସ): ସାଲେପୁର ବ୍ଲକ ଛାଣିପୁର ପଞ୍ଚାୟତରେ ନୂତନ ଭାବେ ପ୍ରତିଷ୍ଠିତ ପରାସର ସେବା ସମବାୟ ସମିତିର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଏହି ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ହେଲେ କିଛି ସମୟ ପରେ ସମ୍ପୂର୍ଣ୍ଣ ଚାଷୀ ତାଲିକା ମିଳି ନ ଥିବା ଜଣାପଡ଼ିବା ପରେ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପୂର୍ବରୁ ଛାଣିପୁର ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରିବା ପାଇଁ ବହୁ ଦୂରରେ ଥିବା ଶିଶୁଆ ଓ ଭୀମଦାସପୁର ସେବା ସମବାୟ ସମିତି ଉପରେ ନିର୍ଭର କରୁଥିଲେ । ଦୂରତା ଯୋଗୁଁ ଚାଷୀମାନେ ଅଯଥା ଖର୍ଚ୍ଚାନ୍ତ ଓ ହଇରାଣ ହେଉଥିବା ଅଭିଯୋଗ କରିବା ପରେ ସରକାରଙ୍କ ପକ୍ଷରୁ ଏହି ନୂତନ ସମିତି ଖୋଲାଯାଇଥିଲା । ଆଜି ମଣ୍ଡି କାର୍ଯ୍ୟକ୍ଷମ ହେବା ପରେ ଦେଖାଯାଇଛି ଯେ ଭୀମଦାସପୁର ସମିତିରୁ ପଞ୍ଜିକୃତ ଚାଷୀଙ୍କ ତାଲିକା ଆସିଥିବା ବେଳେ ଶିଶୁଆ ସମିତି ଅଧୀନରେ ଥିବା ଚାଷୀଙ୍କ ଲିଷ୍ଟ ଜିଲ୍ଲା କାର୍ଯ୍ୟାଳୟରୁ ଏ ପର୍ଯ୍ୟନ୍ତ ହସ୍ତାନ୍ତର କରାଯାଇ ନାହିଁ ।

ତାଲିକା ବିଭ୍ରାଟ ଯୋଗୁଁ ଛାଣିପୁର ପଞ୍ଚାୟତର ପ୍ରାୟ ଅଧା ଚାଷୀ ନିଜ ଧାନ ବିକ୍ରି କରିବାରୁ ବଞ୍ଚିତ ହେବାକୁ ଯାଉଛନ୍ତି । ପରାସର ସେବା ସମବାୟ ସମିତିର କାର୍ଯ୍ୟକାରୀ ସଭାପତି ଏହି ସମସ୍ୟାକୁ ସ୍ୱୀକାର କରିବା ସହ ପ୍ରଶାସନିକସ୍ତରରେ ଥିବା ତ୍ରୁଟି ଯୋଗୁଁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି । ପ୍ରଶାସନର ଏଭଳି ଖାମଖିଆଲି ନୀତି ଯୋଗୁଁ ପ୍ରକୃତ ଚାଷୀ ଧାନ ବିକ୍ରି କରିପାରିବେ କି ନାହିଁ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତୁରନ୍ତ ଏହି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି ।

## ସାଧୁ ସନ୍ଥଙ୍କ ବାର୍ଷିକ ସମାବେଶ



କନ୍ଦରପୁର,୨୮ ।୧(ସମିସ): ସଦଗୁରୁ ମାତା ଶୁଦ୍ଧିକ୍ଷା ସବିନ୍ଦର ହର ଦେବଜିଙ୍କ ଜାନୁଆରୀ ୨୬ ତାରିଖ ସୋମବାର କଟକ ସଦର କନ୍ଦରପୁର କୋରପଦାସ୍ଥିତ ବାର୍ଷିକ ସନ୍ଥ ସମାଗମ ଆୟୋଜିତ ହୋଇଯାଇଛି । ଉକ୍ତ ସମାବେଶରେ ଜ୍ଞାନ ପ୍ରଚାରକ ସୁଦର୍ଶନ ପଣ୍ଡା ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ଭକ୍ତ ସାଧୁସନ୍ଥ ଯୋଗଦେଇଥିଲେ । ପ୍ରଦୀପ ସାହୁ, ଚନ୍ଦ୍ରଶେଖର ସାହୁ, ରାଜକୁମାର ସାହୁ, ପ୍ରବୀର ସାହୁ ଓ ଅମର ସାହୁଙ୍କ ସମେତ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୧୧ ● ପାଉଣ୍ଡ ୧୨୬.୦୧
- ୟୁରୋ ୧୦୯.୯୯ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୫୩,୧୫୦ (ଭୁବନେଶ୍ୱର)
- ରୁପା : ୪,୦୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୩୪୪.୦୦
- ନିଫ୍ଟି ୨୫,୩୪୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### 'ଏଆଇ' ଉପରେ ବଢୁଛି ନିର୍ଭରଶୀଳତା

# ୧୬ ହଜାର କର୍ମଚାରୀଙ୍କୁ ବାହାର କରିବ ଆମାଜନ

ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି)

ବିଶ୍ୱର ସବୁଠାରୁ ବଡ଼ ଇ-କମର୍ସ କମ୍ପାନୀ ଆମାଜନ ଆଉ ୧୬ ହଜାର କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏ ନେଇ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏହା ଗତ ବର୍ଷ ଅକ୍ଟୋବରରେ ଆରମ୍ଭ ହୋଇଥିବା ରିଷ୍ଟ୍ରକଚରିଂ (ପନର୍ଗଠନ) ପ୍ରକ୍ରିୟାର ଅଂଶବିଶେଷ। ସେତେବେଳେ କମ୍ପାନୀ ୧୪ ହଜାର ପଦ ଉଚ୍ଛେଦ କରିବାକୁ କହିଥିଲା। ମାତ୍ର ଏବେ ମୋଟ ଛଟେଇ ହେଉଥିବା କର୍ମଚାରୀଙ୍କ ସଖ୍ୟା ୩୦ ହଜାରରେ ପହଞ୍ଚି ଯାଇଛି। ଆମାଜନର ବରିଷ୍ଠ ଉପାଧ୍ୟକ୍ଷ ବେଥ ଗ୍ୟାଲେଟି ଏକ ବିବୃତ୍ତିରେ କହିଛନ୍ତି ଯେ ପରିଚାଳନା ସ୍ତରକୁ ହ୍ରାସ କରିବା ପାଇଁ ଏହି ଛଟେଇ ନିଷ୍ପତ୍ତି ନିଆଯାଇଛି। ଦାୟିତ୍ୱ ବଢ଼ାଇବା ଏବଂ କମ୍ପାନୀ ଭିତରୁ ଅମଲାତନ୍ତ୍ର ଶେଷ କରିବାକୁ ଏପରି କରାଯାଉଛି। କର୍ମଚାରୀ ଶୀଘ୍ର ନିଷ୍ପତ୍ତି ନିଅନ୍ତୁ ଏବଂ ଗ୍ରାହକଙ୍କ ପାଇଁ ନୂଆ ନବୋନ୍ମେଷ କରିବାକୁ କମ୍ପାନୀ ଚାହୁଁଛି। ଏଥିପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ଆମାଜନ ପ୍ରାଧାନ୍ୟ ଦେଉଛି। ଏଆଇ ଉପରେ




ନିର୍ଭରଶୀଳତା ବଢ଼ାଉଥିବାରୁ କର୍ମଚାରୀଙ୍କୁ ଛଟେଇ କରାଯାଉଥିବା ଚର୍ଚ୍ଚା ହେଉଛି। ଏଥିପାଇଁ ୩୦ ହଜାର କର୍ମଚାରୀଙ୍କ ଉପରେ ବିପଦ ଦେଖା ଦେଇଛି।

କରୋନା ମହାମାରୀ ପରେ ୨୦୨୨-୨୦୨୩ ରେ ଆମାଜନ ୨୭,୦୦୦ କର୍ମଚାରୀଙ୍କୁ ବାହାର କରିବା ପରେ ଏହା ସବୁଠାରୁ ଛଟେଇ ହେବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଏହି ଛଟେଇ ମୁଖ୍ୟତଃ ଆମାଜନର କର୍ପୋରେଟ୍ ଏବଂ ଅଫିସ୍ କର୍ମଚାରୀଙ୍କୁ ପ୍ରଭାବିତ କରିବ। ସାରା ବିଶ୍ୱରେ ଆମାଜନର ପ୍ରାୟ ୩୫୦,୦୦୦ ଅଫିସ୍ କର୍ମଚାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୦% ଅର୍ଥାତ୍ ୩୦,୦୦୦ ଚାକିରି ହରାଇବେ। ଏହା ସତ୍ତ୍ୱେ କମ୍ପାନୀ ସ୍ପଷ୍ଟ କରିଛି ଯେ ଏହି ହ୍ରାସ ଗୋଦାମ ଏବଂ ବଣ୍ଟନ ନେଟୱାର୍କରେ କାମ କରୁଥିବା ୧.୫ ନିୟୁତ କର୍ମଚାରୀଙ୍କୁ ପ୍ରଭାବିତ କରିବ ନାହିଁ। ଏହା ପୂର୍ବରୁ ଅକ୍ଟୋବରରେ ପ୍ରଥମ ଥର ପାଇଁ କମ୍ପାନୀ ଛଟେଇ କରିବାକୁ ଯାଉଥିବା ରିପୋର୍ଟ ଆସିଥିଲା। ମାତ୍ର ସେତେବେଳେ କମ୍ପାନୀ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲା। ବିଶେଷଜ୍ଞଙ୍କ ଅନୁଯାୟୀ, ଆମାଜନ ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଦ୍ରୁତ ଗତିରେ ନିବେଶ ବୃଦ୍ଧି କରୁଛି। ସେହି ଅନୁସାରେ କର୍ମଚାରୀମାନଙ୍କୁ ପ୍ରସ୍ତୁତ କରାଯାଉଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ପ୍ରତ୍ୟେକ ଦଳ ନିରନ୍ତର ଏହାର କ୍ଷମତାର ମୂଲ୍ୟାଙ୍କନ କରି ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଯିବ।

# ଭାରତର ଉଲ୍ଲେଖନୀୟ ଯାତ୍ରାକୁ ପ୍ରତିଫଳନ କରୁଛି ରାଷ୍ଟ୍ରପତିଙ୍କ ଅଭିଭାଷଣ: ମୋଦୀ

ନୂଆଦିଲ୍ଲୀ, ୨୮।୧ (ସମିସ): ସଂସଦରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଇଥିବା ଅଭିଭାଷଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ପ୍ରେରଣାଦାୟକ ଭାଷଣ ସହ ଆଜି ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ଆମ ସଂସଦୀୟ ପରମ୍ପରାରେ ଏହି ଭାଷଣର ବିଶେଷ ଗୁରୁତ୍ୱ ରହିଛି, କାରଣ ଏହା ଆଗାମୀ ଦିନଗୁଡ଼ିକରେ ଦେଶର ବିକାଶ ଯାତ୍ରାକୁ ନେତୃତ୍ୱ ଦେବାକୁ ଥିବା ନୀତିଗତ ଦିଗଦର୍ଶନ ଓ ସାମୂହିକ ସଙ୍କଳ୍ପକୁ ସ୍ପଷ୍ଟ କରେ।ଏହି ଅଭିଭାଷଣ ବ୍ୟାପକ ଏବଂ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଥିଲା। ଏହା ନିକଟ ଅତୀତରେ ଭାରତର ଉଲ୍ଲେଖନୀୟ ବିକାଶ ଯାତ୍ରାକୁ ପ୍ରତିଫଳିତ କରୁଛି। ଭବିଷ୍ୟତ ପାଇଁ ଏକ ସ୍ପଷ୍ଟ ଦିଗକୁ ମଧ୍ୟ ଦର୍ଶାଉଛି। ବିକଶିତ ଭାରତ ନିର୍ମାଣ ଉପରେ ଗୁରୁତ୍ୱ ସମ୍ପୂର୍ଣ୍ଣ ଭାବେ ଉପସ୍ଥାପିତ ହୋଇଛି। ଏହା ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ନିର୍ମାଣ ପାଇଁ ଆମର



ସହଭାଗୀ ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ଏହା ସଂସ୍କାର ଏକ୍ସପ୍ରେସକୁ ଆହୁରି ତ୍ୱରାନ୍ୱିତ କରିବ। ନବସୃଜନ ତଥା ସୁଶାସନ ଉପରେ ଗୁରୁତ୍ୱ ଦେବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଯାଇଛି। କୃଷକ, ଯୁବକ, ଗରିବ ଏବଂ ଅବହେଳିତଙ୍କ ପାଇଁ ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରି ବିଭିନ୍ନ ବିଷୟବସ୍ତୁ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

# ସେନ୍‌ସେକ୍ସ ୪୮୭ ପଏଣ୍ଟ ବୃଦ୍ଧି




ମୁମ୍ବଇ, ୨୮।୧ (ଏଜେନ୍ସି): ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଐତିହାସିକ ବାଣିଜ୍ୟ ଚୁକ୍ତିର ପ୍ରଭାବ ସେୟାର ବଜାରରେ ଦେଖିବାକୁ ମିଳିଛି। ଏହାକୁ ନେଇ ନିବେଶକମାନେ ଉତ୍ସାହିତ ଅଛନ୍ତି। ଏଥିଯୋଗୁଁ ବୁଧବାର ସେୟାର ବଜାରରେ ଭଲ କାରବାର ହୋଇଛି। ସେନ୍‌ସେକ୍ସ ୪୮୭ ପଏଣ୍ଟ ବଢ଼ି ୮୨, ୩୪୪ରେ ଏବଂ ନିଫ୍ଟି ୧୬୭ ପଏଣ୍ଟ ବୃଦ୍ଧି ପାଇ ୨୫, ୩୪୨ରେ ପହଞ୍ଚି ଯାଇଛି। କାରବାର ଭଲ ହେବା ଯୋଗୁଁ ନିବେଶକଙ୍କ ସମ୍ପତ୍ତି ପ୍ରାୟ ୩ ଲକ୍ଷ କୋଟି ବୃଦ୍ଧି ପାଇଛି। ବିଏସଇରେ ତାଲିକାଭୁକ୍ତ କମ୍ପାନୀଙ୍କ ବଜାର ପୁଞ୍ଜି ବଢ଼ି ୪୫୬ ଲକ୍ଷ କୋଟିରେ ପହଞ୍ଚି ଯାଇଛି। କାରବାର ସମୟରେ ସେନ୍‌ସେକ୍ସ ୬୫୦ ପଏଣ୍ଟ ଏବଂ ନିଫ୍ଟି ୧୮୫ ପଏଣ୍ଟ ବଢ଼ି ଯାଇଥିଲା। ପରେ ଏହା ଖସି ଆସିଥିଲା। ଆଜି ଅଏଲ ଆଣ୍ଡ ଗ୍ୟାସ କ୍ଷେତ୍ରର ସେୟାର ସର୍ବାଧିକ ୩.୪ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଥିଲା। ଫାଇନାନସିଆଲ ସର୍ଭିସେସ, ଅଟୋ, ଆଇଟି, ଗଣମାଧ୍ୟମ, ମେଟାଲ, ସରକାରୀ ବ୍ୟାଙ୍କ, ଘରୋଇ ବ୍ୟାଙ୍କ ଏବଂ ରିୟଲଟି କ୍ଷେତ୍ରର ସେୟାର ୨.୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଥିଲା। ସେନ୍‌ସେକ୍ସର ୩୦ରୁ ୨୨ଟି ସେୟାର ବୃଦ୍ଧି ପାଇଥିବାବେଳେ ୮ଟି ହ୍ରାସ ପାଇଥିଲା। ବେଲ, ଜମାଟୋ ଏବଂ ବଜାଜ ଫାଇନାନ୍ସର ସେୟାର ୯ ପ୍ରତିଶତ ବଢ଼ିଛି। ସେହିପରି ଏସିଆମ ପେଣ୍ଟସ, ମାରୁତି ସୁଜୁକି ଏବଂ ସନ ଫାର୍ମାର ସେୟାର୍ସ ୪ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା।

# ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଏଆଇ-ପ୍ରସ୍ତୁତ କରିବା ପାଇଁ ରିଲାଏନ୍ସ ଜିଓର ପ୍ରୟାସ

ଭୁବନେଶ୍ୱର, ୨୮।୧(ସମିସ): 'ସମସ୍ତଙ୍କ ପାଇଁ ଏଆଇ' ମିଶନର ଅଂଶ ସ୍ୱରୂପ ରିଲାଏନ୍ସ ଜିଓ ସାରା ଓଡ଼ିଶାରେ ଜିଓ ଏଆଇ କ୍ଲାସରୁମ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ମାଧ୍ୟମରେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ଏଆଇ-ପ୍ରସ୍ତୁତ କରିବା ପାଇଁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରାଯାଇଛି। ଓଡ଼ିଶାର ୬୫୦ରୁ ଅଧିକ ସ୍କୁଲର ୫୦୦୦ରୁ ଅଧିକ ଶିକ୍ଷକ-ଶିକ୍ଷୟିତ୍ରୀ




ଏବଂ ଛାତ୍ରଛାତ୍ରୀ ଏହି ଅଭିନବ କାର୍ଯ୍ୟକ୍ରମରେ ପଞ୍ଜିକରଣ କରିସାରିଛନ୍ତି। ପ୍ରତ୍ୟେକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭବିଷ୍ୟତ ପାଇଁ ସଶକ୍ତ କରିବା ତଥା ସେମାନଙ୍କ ଏଆଇ ମୌଳିକ ଜ୍ଞାନକୁ ସୁଦୃଢ଼ କରିବାକୁ ଏହି ମାଗଣା, ସଂରଚିତ ଜାତୀୟ ଏଆଇ ତାଲିମ ପଦକ୍ଷେପ ନିଆଯାଇଛି। ଏହା ଅଧୀନରେ ରାଜ୍ୟବ୍ୟାପୀ ବିଭିନ୍ନ ସ୍କୁଲ ଏବଂ କଲେଜଗୁଡ଼ିକରେ ଏଆଇ କର୍ମଶାଳା ଆୟୋଜନ କରାଯାଉଛି। ଜିଓ ଏଆଇ କ୍ଲାସରୁମ୍ ଏକ ଚାରି-ମଡ୍ୟୁଲ୍ ବିଶିଷ୍ଟ କାର୍ଯ୍ୟକ୍ରମ ଯେଉଁଥିରେ ଭିଡିଓ ପାଠ୍ୟକ୍ରମ (ଲେକ୍ଚର), ପିଡିଏଫ ଡକ୍ୟୁମେଣ୍ଟ, ରେଫରେନ୍ସ ଭିଡିଓ ଏବଂ ପ୍ରତ୍ୟେକ ମଡ୍ୟୁଲ୍ ପରେ କୁଇଜ୍ ଓ ଆସାଇନମେଣ୍ଟ ରହିଛି। ସମସ୍ତ ମଡ୍ୟୁଲ୍ ଶେଷରେ ସମାପ୍ତି ବ୍ୟାଜ୍ ପ୍ରଦାନ କରାଯିବ। ଜିଓପିସିରେ ସ୍ୱତନ୍ତ୍ର ଭାବରେ ଅଧ୍ୟୟନ କରୁଥିବା ବ୍ୟବହାରକାରୀଙ୍କ ପାଇଁ ଜିଓ ଇନଷ୍ଟିଚ୍ୟୁଟ ସାର୍ଟିଫିକେସନ୍ ପ୍ରଦାନ କରାଯିବ। ଛାତ୍ରଛାତ୍ରୀମାନେ 'ଜିଓଡଟକମ/ଏଆଇ-କ୍ଲାସରୁମ' ମାଧ୍ୟମରେ ଏହି ପାଠ୍ୟକ୍ରମରେ ସାମିଲ ହୋଇପାରିବେ। ଚାରି ସପ୍ତାହ ଅବଧିର ଏହି ଏଆଇ ଶିକ୍ଷା ସମସ୍ତ ଶିକ୍ଷକ ଏବଂ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ। ଏଥିରେ ସେମାନେ ଏଆଇ ମୌଳିକ ବିଷୟବସ୍ତୁ, ଜେନେରେଟିଭ୍ ମଡେଲ୍, ପ୍ରଭାବଶାଳୀ ପ୍ରମ୍ପଟିଙ୍ଗ, ଶିକ୍ଷା ଏବଂ ସୃଜନଶୀଳତାକୁ ବୃଦ୍ଧି ପାଇଁ ଏଆଇ ଟୁଲଗୁଡିକର ବ୍ୟବହାର କରି ସମସ୍ୟା ସମାଧାନ, ଚିତ୍ର, କଳା, ସଙ୍ଗୀତ ଓ କାହାଣୀ ତଥା ସ୍ମାର୍ଟ ସମାଧାନ ସୃଷ୍ଟି କରିପାରିବେ।

### ଅନିଲ ଅମ୍ବାନୀଙ୍କ ସମସ୍ୟା ବଢ଼ିଲା

# ୧୮୦୦ କୋଟିର ସମ୍ପତ୍ତି ଜବତ କଲା ଇଡି



ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି): ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ମନି ଲଣ୍ଡରିଂ ଯାଞ୍ଚ ଅଧିନରେ ବୁଧବାର ତାଙ୍କ ଗ୍ରୁପର ୧୮୦୦ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ଅନିଲଙ୍କ ୧୨ ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ କରାଗଲାଣି। ରିଲାଏନ୍ସ ହୋମ୍ ଫାଇନାନ୍ସ, ରିଲାଏନ୍ସ କମର୍ସିଆଲ ଫାଇନାନ୍ସ, ରିଲାଏନ୍ସ କମ୍ୟୁନିକେସନ ଏବଂ ୟେସ ବ୍ୟାଙ୍କ ସମ୍ବନ୍ଧିତ ଋଣ ଠକେଇ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।ଇଡି ପକ୍ଷରୁ କୁହାଯାଇଛି ଯେ ପିଏମଲଏ ଅନୁଯାୟୀ ରିଲାଏନ୍ସ ଇନଫ୍ରାଷ୍ଟ୍ରକ୍ଚରର ବିଏସଇଏସ ଯମୁନା ପାୱାର ଏବଂ ବିଏସଇଏସ ରାଜଧାନୀ ପାୱାରରେ ଅଂଶଧନ, ମୁମ୍ବଇ ମେଟ୍ରୋ ୱାନ ପ୍ରାଇଭେଟ ଲିମିଟେଡରେ କମ୍ପାନୀର ସେୟାର, କମ୍ପାନୀର କିଛି ବରିଷ୍ଠ ଅଧିକାରୀଙ୍କ କୋଠା, ମ୍ୟୁଚୁଆଲ ଫଣ୍ଡ ସମ୍ପତ୍ତି ଜବତ କରାଯାଇଛି।

ଇଡି ତଦନ୍ତରୁ ଜଣାପଡ଼ିଛି ଯେ ରିଲାଏନ୍ସ ଜାଲିଆତି କରି ଟଙ୍କାକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲା। ଅଭିଯୋଗ ଅନୁଯାୟୀ, ସେବିର କଠୋର ନିୟମରୁ ବର୍ତ୍ତିବା ଲାଗି ରିଲାଏନ୍ସ ନିପ୍ପନ ମ୍ୟୁଚୁଆଲ ଫଣ୍ଡ ସିଧାସଳଖ ନିଜ ଗ୍ରୁପ କମ୍ପାନୀରେ ଅର୍ଥ ନିବେଶ କରି ନ ଥିଲା। ଏହା ବଦଳରେ ଟଙ୍କାକୁ ୟେସ ବ୍ୟାଙ୍କ ମାଧ୍ୟମରେ ରିଲାଏନ୍ସ ହୋମ୍ ଫାଇନାନ୍ସ ଏବଂ ରିଲାଏନ୍ସ କମର୍ଶିଆଲ ଫାଇନାନ୍ସ ପର୍ଯ୍ୟନ୍ତ ପହଞ୍ଚାଇ ଥିଲା। ପରେ ଏହି ଅର୍ଥ ବୁଡ଼ି ଯାଇଥିଲା। ଋଣ ନନ୍-ପର୍ଫର୍ମି ତଥା ଏନପିଏ ହୋଇ ଯାଇଥିଲା। ରିଲାଏନ୍ସ କମ୍ୟୁନିକେସନ୍ସ ଏବଂ ଏହାର ଗ୍ରୁପ କମ୍ପାନୀ ଉପରେ ବ୍ୟାଙ୍କର ପ୍ରାୟ ୪୦, ୧୮୫ କୋଟି ଟଙ୍କା ବାକି ରହିଛି। କମ୍ପାନୀ ଋଣ ଅର୍ଥରୁ ୧୩, ୬୦୦ କୋଟି ପୁରୁଣା ଋଣ ସୁଝିବାରେ ଏବଂ ୧୨,୬୦୦ କୋଟିକୁ ନିଜର ଅନ୍ୟ ପାର୍ଟିକୁ ପଠାଇବାରେ ବ୍ୟୟ କରିଥିଲା ବୋଲି ଇଡି ଅଭିଯୋଗ କରିଛି। ସେହିପରି ବିଲ୍ ଡିସ୍କାଉଣ୍ଟିଂ ନାମରେ ଜାଲିଆତି କରାଯାଇଥିଲା। କିଛି ଅର୍ଥକୁ ଭାରତ ବାହାରକୁ ପଠାଇ ଦିଆଯାଇଥିଲା। ମାତ୍ର ଅନିଲ ଅମ୍ବାନୀଙ୍କ ଗ୍ରୁପ ପ୍ରଥମେ କୌଣସି ଜାଲିଆତି ହୋଇ ନ ଥିବା କହିଥିଲା।

# ଉଦ୍ୟୋଗିକ ଉତ୍ପାଦନ ୨ ବର୍ଷର ଶୀର୍ଷରେ

ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି): ଦେଶର ଅର୍ଥନୀତି ପାଇଁ ଭଲ ଖବର ଆସିଛି। ଉଦ୍ୟୋଗିକ ଉତ୍ପାଦନ (ଆଇଆଇପି) ଡିସେମ୍ବରରେ ବୃଦ୍ଧି ପାଇ ଗତ ଦୁଇ ବର୍ଷର ଶୀର୍ଷ ସ୍ତରରେ ପହଞ୍ଚି ଯାଇଛି। ଏହା ୮ ପ୍ରତିଶତର ନିକଟତର ହୋଇଛି। ଏହା ଗତ ବର୍ଷର ସମାନ ଅବଧିରେ ୪ ପ୍ରତିଶତ ତଳେ ଥିଲା। ବର୍ଷ ଭିତରେ ଏହା ରକେଟ ଗତିରେ ବୃଦ୍ଧି ପାଇଛି। ଖଣି, ଉତ୍ପାଦନ ଏବଂ ଶକ୍ତି କ୍ଷେତ୍ରରେ ମଜବୁତ ପ୍ରଦର୍ଶନ ଯୋଗୁଁ ଆଇଆଇପି ବିକାଶ ହାର ୭.୮ ପ୍ରତିଶତରେ ପହଞ୍ଚି ଯାଇଛି। ଏନଏସଓ ତଥ୍ୟ ଅନୁଯାୟୀ, ଡିସେମ୍ବରରେ ଉତ୍ପାଦନ କ୍ଷେତ୍ରର ଉତ୍ପାଦନ ୮.୧ ପ୍ରତିଶତ ବୃଦ୍ଧି ପାଇଥିଲା।

# ଆଇଡିବିଆଇ ବ୍ୟାଙ୍କର ନିଟ୍ ଲାଭ ୧୯୩୫ କୋଟି

ଭୁବନେଶ୍ୱର, ୨୮।୧ (ସମିସ): ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସିକରେ ବ୍ୟାଙ୍କର ଶୁଦ୍ଧ ଲାଭ ୧୯୩୫ କୋଟି ଟଙ୍କା ରହିଛି। ସେହିପରି ପରିଚାଳନାଗତ ଲାଭ ୧୯୧୭ କୋଟି ଟଙ୍କା ରହିଛି। ୨୦୨୫-୨୬ର ୩ୟ ତ୍ରୈମାସିକରେ ବ୍ୟାଙ୍କର ଏନଆଇଏମ ୩.୫୨% ରହିଛି। ଏହାଛଡା କଷ୍ଟ ଅଫ୍ ଡିପୋଜିଟ ୪.୬୨% ରହିଛି। ଏହା ୨୦୨୪-୨୫ର ୩ୟ ତ୍ରୈମାସିକରେ ଥିବା ୪.୬୨% ସହ ସମାନ। ଏହି ଅବଧିରେ ସିଆରଏଆର ବାର୍ଷିକ ୨୬୫ ବିପିଏସ ବୃଦ୍ଧି ହୋଇ ୨୪.୬୩% ରହିଛି। ୨୦୨୫-୨୬ର ୩ୟ ତ୍ରୈମାସିକରେ ରିଟର୍ଣ୍ଣ ଅନ୍ ଆସେଟ୍‌ସ (ଆରଓଏ) ୧.୮୩% ରହିଛି ଯାହା ଏହାର ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧.୯୯% ଥିଲା। ରିଟର୍ଣ୍ଣ ଅନ୍ ଇକ୍ୱିଟି (ଆରଓଇ) ୧୪.୪୯% ରହିଛି। ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଶୁଦ୍ଧ ଏନପିଏ ଅନୁପାତ ୦.୧୮% ରହିଛି।

# ଡାଲମିଆ ଭାରତ ଫାଉଣ୍ଡେସନ୍‌ର 'ପ୍ରତିଭା ସମ୍ମାନ ଆୱାର୍ଡ'

କଟକ, ୨୮।୧ (ସମିସ): ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ସିଏସ୍‌ଆର ଶାଖା ଡାଲମିଆ ଭାରତ ଫାଉଣ୍ଡେସନ୍ (ଡିବିଏଫ୍)



ସମ୍ମାନଜନକ 'ଡାଲମିଆ ପ୍ରତିଭା ସମ୍ମାନ ଆୱାର୍ଡ ୨୦୨୬' ପ୍ରଦାନ କରିଛି। କପିଳାସ ସିମେଣ୍ଟ ୱାର୍କସ୍ (କେସିଡବ୍ଲ୍ୟୁ) ମାଧ୍ୟମରେ ସାଧାରଣତନ୍ତ୍ର ଦିବସରେ ଏକ ସ୍ୱତନ୍ତ୍ର ଉତ୍ସବରେ ୨୪ ଜଣଙ୍କୁ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ୧୦ମ ଓ ୧୨ଶ ଶ୍ରେଣୀର ୧୮ ଜଣ ଛାତ୍ରଛାତ୍ରୀ ଏବଂ ୬ଜଣ ସମାଜସେବୀଙ୍କୁ ଶିକ୍ଷାଗତ ଓ ସମାଜସେବାରେ ଉତ୍କର୍ଷ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଓ ଯାଜପୁର ଜିଲ୍ଲାର ପଡୋଶୀ ପଞ୍ଚାୟତ ଅନ୍ତର୍ଗତ ୧୭ଟି ସ୍କୁଲରୁ ଏମାନଙ୍କୁ ମନୋନୀତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ୧୮ ଜଣ ଛାତ୍ର ଛାତ୍ରୀଙ୍କୁ ୨୫୦୦ ଟଙ୍କା ଲେଖାଏଁ ଏବଂ ୬ଜଣ ଉଲ୍ଲେଖନୀୟ ସମାଜସେବୀଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। କଟକ କେସିଡବ୍ଲ୍ୟୁର ୟୁନିଟ ହେଡ୍ ଦେବୀ ପ୍ରସାଦ ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ୟୁନିଟ୍‌ର କାର୍ଯ୍ୟନିର୍ବାହୀ, କର୍ମଚାରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ଏଏମ୍/ଏନ୍‌ଏସ୍ ଆଥଲେଟ୍‌ଙ୍କ ଉତ୍ତମ ପ୍ରଦର୍ଶନ

ଭୁବନେଶ୍ୱର, ୨୮।୧ (ସମିସ ): ଜାନୁଆରି ୧୬ରୁ ୨୧ ମଧ୍ୟରେ ରାଜସ୍ଥାନରେ ଅନୁଷ୍ଠିତ ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ଖୋ-ଖୋ ଟୁର୍ଣ୍ଣାମେଣ୍ଟ (୧୪ ବର୍ଷରୁ କମ୍ ବାଳକ ବିଭାଗ)ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ-ଖୋ



ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି)ର ଦୁଇ ଆଥଲେଟ୍ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ରନର୍ସ-ଅପ୍ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛି। ଏଚପିସିର ଆଥଲେଟ୍ ଆଦିତ୍ୟ ଦାସ ଓ ଶୁଭମ ଶୁଭ୍ରଜିତ ଦଳାଇ ଓଡ଼ିଶା ଦଳର ପ୍ରମୁଖ ସଦସ୍ୟ ଥିଲେ। ଉଭୟେ ଓଡ଼ିଶାର ଦୃଢ଼ ଅଭିଯାନ ଏବଂ ପୋଡିୟମ ଫିନିସରେ ଉଲ୍ଲେଖନୀୟ ଯୋଗଦାନ ଦେଇଥିଲା । ଚାମ୍ପିଅନସିପରେ ଓଡ଼ିଶା ଦଳ ଶୃଙ୍ଖଳା, ସ୍ଥିରତା ଏବଂ କୌଶଳଗତ ଚମତ୍କାରିତା ପ୍ରଦର୍ଶନ କରିଥିଲା। ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ରାଜସ୍ଥାନ ବିପକ୍ଷରେ ୨୩ - ୧୯ ପଏଣ୍ଟରେ ପରାସ୍ତ ହୋଇ ମଧ୍ୟ ନିଜର ଦୃଢ଼ତା ଏବଂ ମନୋବଳରେ ଦର୍ଶକଙ୍କ ହୃଦୟ ଜିତିଥିଲା।

## ରାଜ୍ୟ ଖବର

### ଦ୍ୱିତୀୟ ରାଜ୍ୟସ୍ତରୀୟ ବୀମା କମିଟି ବୈଠକ

# ସାଧାରଣ ଲୋକଙ୍କ ମନରେ ଥିବା ଅବିଶ୍ୱାସକୁ ଦୂର କରିବାକୁ ପରାମର୍ଶ

ଭୁବନେଶ୍ୱର,୨୮।୧(ସମିସ): ଦ୍ୱିତୀୟ ରାଜ୍ୟସ୍ତରୀୟ ବୀମା କମିଟିର ଏକ ବୈଠକ ବୁଧବାର ଭୁବନେଶ୍ୱରସ୍ଥିତ ହୋଟେଲ ମେଫେୟାର ଲାଗୁନ୍‌ରେ ଆୟୋଜିତ ହୋଇଯାଇଛି। ଗତ ଏପ୍ରିଲ୍-ଜୁନ୍ ଏବଂ ଜୁଲାଇ-ସେପ୍ଟେମ୍ବର ଯାଏଁ ଦୁଇଟି ତ୍ରୈମାସିକକୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଛି। କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ବୀମା କମ୍ପାନୀଗୁଡ଼ିକଙ୍କ ପ୍ରତି ଥିବା ବିଶ୍ୱାସର ଅଭାବକୁ ଦୂର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ସେହିପରି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଭିନ୍ନ ବୀମା ଯୋଜନା ଅନ୍ତର୍ଗତ ଦାବି ଦାଖଲ ଓ ଦାବି ସମାଧାନ ପ୍ରକ୍ରିୟା ସମ୍ପର୍କରେ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ତନ୍ତୁକାର ଓ କାରିଗରମାନଙ୍କ ପାଇଁ ଶସ୍ତା ଦରରେ ବୀମା ଯୋଜନା ଗଠନ ଉପରେ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏଲଆଇସିର ପରିଚାଳନା ନିର୍ଦ୍ଦେଶକ ଡିଜିଟାଲ୍ ନବୀନତା ଏବଂ ତୃଣମୂଳ ସ୍ତରରେ ପ୍ରଶିକ୍ଷିତ କୁଶଳ କର୍ମୀମାନଙ୍କ ମାଧ୍ୟମରେ ବୀମା ପ୍ରବେଶ ବୃଦ୍ଧି ପାଇଁ ଆହ୍ୱାନ କରିଥିଲେ। ସହର ଏବଂ ଗ୍ରାମୀଣ ଉଭୟ ଅଞ୍ଚଳର ନାଗରିକମାନଙ୍କ ପାଇଁ ବୀମା ଉତ୍ପାଦଗୁଡ଼ିକର ସଚେତନତା, ସହଜ ଉପଲବ୍ଧତା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହି ଅବସରରେ ରାଜ୍ୟ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ରେମୁଣା ମହୋତ୍ସବରେ ଫୁଟିଲା ଗୁଳି, ଯୁବକ ଗୁରୁତର

ବାଲେଶ୍ୱର, ୨୮।୧(ସମିସ): ରେମୁଣା ମହୋତ୍ସବରେ ଫୁଟିଲା ଗୁଳି। ଯୁବକଙ୍କ ଉପରକୁ ଗୁଳି ଚାଳନା କରି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଗୁରୁତର ଯୁବକଙ୍କ ନାମ ପରମାନନ୍ଦ ଦାସ ହୋଇଥିବା ବେଳେ ତାଙ୍କ ଘର ବାଲେଶ୍ୱର ଗବଗାଁ ଅଞ୍ଚଳରେ । ଯୁବକଙ୍କ ଡାହାଣ ହାତରେ ଗୁଳି ମାଡ଼ ହୋଇ ପେଟରେ ଲାଗିଥିବା



ଜଣାପଡିଛି। ତାଙ୍କୁ ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ବୁଧବାର ସନ୍ଧ୍ୟାରେ ପରମାନନ୍ଦ ରେମୁଣା ମହୋତ୍ସବ ଦେଖିବାକୁ ଯାଇଥିବା ବେଳେ ବାଇକ୍ ରଖିବାକୁ ନେଇ ସାମାନ୍ୟ ବଚସାରୁ ପାଟିତୁଣ୍ଡ ହୋଇ ତାଙ୍କୁ ଗୁଳିମାଡ଼ ହୋଇଥିବା କୁହାଯାଉଛି। ମହୋତ୍ସବରେ ପୁଲିସ ଉପସ୍ଥିତିରେ ଏଭଳି କାଣ୍ଡ କିଭଳି ଘଟିଲା ସେ ନେଇ ଉଠୁଛି ଅନେକ ପ୍ରଶ୍ନ। ସେପଟେ ଘଟଣାସ୍ଥଳରେ ରେମୁଣା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୧୫ ଦିନ ବଢ଼ିଲା ଆର୍‌ଆଇ, ଅମିନ ଓ ଫରେଷ୍ଟର୍ ଆବେଦନ ଅବଧି

ଭୁବନେଶ୍ୱର, ୨୮।୧(ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍ଏସ୍‌ସି) ପକ୍ଷରୁ ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ନିଯୁକ୍ତି ପାଇଁ ଆବେଦନ ଅବଧିକୁ ବଢ଼ାଯାଇଛି। ଏହାସହ ଫରେଷ୍ଟର୍ ଓ ଫରେଷ୍ଟଗାର୍ଡ ଆବେଦନ ସମୟ ସୀମାକୁ ମଧ୍ୟ ବୃଦ୍ଧି କରାଯାଇଛି। ଉଭୟ ଆବେଦନ ପାଇଁ ପଞ୍ଜିକରଣ ଅବଧିକୁ ଫେବୃଆରୀ ୧୫ ଯାଏଁ ବୃଦ୍ଧି କରାଯାଇଥିବାବେଳେ ୨୨ ତାରିଖ ମଧ୍ୟରେ ଆବେଦନ କରିପାରିବେ ବୋଲି ଓଏସ୍ଏସ୍ଏସ୍‌ସି ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏସବୁ ପଦରେ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ ହେବା ଦିନ ଠାରୁ ୱେବସାଇଟ୍ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନାହିଁ। ବାରମ୍ବାର ୱେବସାଇଟ୍ ବିଭ୍ରାଟ ପାଇଁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ଆବେଦନ ଅବଧିକୁ ୧୫ ଦିନ ବଢ଼ାଯାଇଛି। ମାତ୍ର ଏବେ ମଧ୍ୟ ୱେବସାଇଟ୍ ସଠିକ୍ ଭାବେ କାର୍ଯ୍ୟକ୍ଷମ

**ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନି ଓଏସ୍ଏସ୍ଏସ୍‌ସି ୱେବସାଇଟ୍, ଚିନ୍ତାରେ ଆଶାୟୀ**

ହେଉ ନ ଥିବାରୁ ଆବେଦନ ହୋଇପାରୁ ନାହିଁ। ନୂତନ ଭାବେ ପଞ୍ଜିକରଣ କରିବାକୁ ଚାହୁଁଥିବା ପ୍ରାର୍ଥୀଙ୍କୁ ନାକେଦମ୍ ହେବାକୁ ପଡ଼ିଲାଣି। ସମସ୍ତ ତଥ୍ୟ ଦାଖଲ ପରେ ହିଁ ୱେବସାଇଟ୍ କ୍ରାସ୍ ହୋଇଯାଉଛି। ଫଳରେ ଆବେଦନ ଅବଧି ବଢ଼ିଥିଲେ ମଧ୍ୟ ଆବେଦନ କରିପାରିବା ନେଇ ଆଶାୟୀମାନେ ସନ୍ଦିହାନ ଅଛନ୍ତି।

